

ଯୁଗାବ୍ଦ : ୫୧୨୨ ଚର୍ତୁବିଂଶତିତମ ଗୁଚ୍ଛ - ଚତୁର୍ଥ କଳିକା ଅକ୍ଟୋବର - ନଭେମ୍ବର - ୨୦୨୦

## ସମ୍ପାଦକୀୟ......

ଦମ୍ପତ୍ତି ଯେତେବେଳେ ସନ୍ତାନ ବିଷୟରେ ଚିନ୍ତା କରିଥାନ୍ତି ସେତେବେଳେ ମନରେ ପ୍ରଶ୍ନ ଉଠେ ଆମର ଭାବି ସନ୍ତାନ କିପରି ହେବ ? କେଉଁଠୁ ଆସିବ, ତାକୁ ଆମେ କିପରି ଗଢ଼ିବା ? ଇତ୍ୟାଦି.... । ବାସ୍ତବିକ ମାତା-ପିତା ସନ୍ତାନ ଚୟନ କରି ନଥାନ୍ତି ବରଂ ସନ୍ତାନ ମାତାପିତାଙ୍କ ଚୟନ କରିଥାଏ । ଶ୍ରେଷ୍ଠ ସନ୍ତାନ ପ୍ରାପ୍ତି ନିମନ୍ତେ ଇଚ୍ଛୁକ ପତିପତ୍ନୀଙ୍କ ପାତ୍ରତାର ଆଧାରରେ ଶିଶୁ ସେମାନଙ୍କୁ ମାତା ପିତା ରୂପେ ସ୍ୱୀକାର କରିଥାଏ । ପ୍ରକୃତିର ଯୋଜନା କିପରି କରିଥାଏ ତାହା ଏହି ବିଷୟରେ ଆଲୋଚନା କରାଯାଇଛି । ସନ୍ତାନ ନିର୍ମାଣରୁ ହିଁ ଏହି ବିଷୟ ବୁଝିବା ଦରକାର ।

ଶିଶୁ ପୂର୍ଣ୍ଣ ମନୁଷ୍ୟର ମୂର୍ତ୍ତି ସ୍ୱରୂପ ଅଟେ । ବଡ଼ ବିକାଶର ପୂର୍ଣ୍ଣ ସମ୍ଭାବନା ଛୋଟ ମଞ୍ଜିରେ ରହିଥାଏ । ଠିକ୍ ସେହିଭଳି ମନୁଷ୍ୟର ବିକାଶ ସମ୍ଭାବନା ତା'ର ଭ୍ରୁଣରେ ହିଁ ରହିଥାଏ । ପଶୁ ପକ୍ଷୀ ଓ ଅନ୍ୟ ପ୍ରାଣୀର ଛୁଆର ନାମକୁ ଯେପରି ବିଭିନ୍ନ ନାରେ ନାମିତ କରାଯାଇଥାଏ ଠିକ୍ ସେଭଳି ମନୁଷ୍ୟର ଛୁଆକୁ ଶିଶୁ ନାମରେ ଜଣା ଯାଇଥାଏ । ଶିଶୁ ଯେତେବେଳେ ମାତୃଗର୍ଭରୁ ପୃଥିବୀ ପୃଷ୍ଠକୁ ଅବତରଣ କରେ ସେତେବେଳେ ସେ ପରମାତ୍ମାଙ୍କ ସୁଦ୍ଧ ନିର୍ଦ୍ଦୋଶ, ନିର୍ମଳ ଓ ପବିତ୍ର ଅଂଶ ରୂପେ ଥାଏ । ତା ପାଖରେ ଏ ଦୁନିଆର କୌଣସି ବିକାର ନ ଥାଏ । ଆନ୍ତରିକ ସ୍ୱରୂପ ଯେମିତି ନିର୍ମଳ ବାହ୍ୟ ସ୍ୱରୂପ ମଧ ସେତିକି କୋମଳ ସୁନ୍ଦର ଆଉ ମନୋହର ଅଟେ ଯିଏ କି ପ୍ରତ୍ୟେକ ବ୍ୟକ୍ତି ଅନ୍ତରରେ ପ୍ରେମ ଓ ବାତ୍ସଲ୍ୟ ଭାବନା ଭରି ଦେଇଥାଏ । ଏଥିପାଇଁ ହିଁ ଶିଶୁକୁ 'ଦେବ ଶିଶୁ' ବୋଲି କୁହାଯାଏ ।

ଏହି ଦେବ ଶିଶୁର ପୂର୍ଣ୍ଣ ବିକାଶ ବା ସମଗ୍ର ବିକାଶ ତାହାର ମାତା ପିତା, ଗୁରୁ ଗୁରୁଜନ, ପାଖ ପଡ଼ୋଶୀ ତଥା ସମାଜର ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କର ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ ଅଟେ । ତେଣୁ ସମସ୍ତେ ନିଜ ନିଜର ଭୂମିକାକୁ କେମିତି ନିଭାଇବେ ତା'ର ଏକ ଛୋଟିଆ ପ୍ରୟାସ ଏହି ପତ୍ରିକା ମାଧ୍ୟମରେ ଜଣାଇବାକୁ ଆମେ ଯୋଜନା କରିଅଛୁ । ଏହି ପତ୍ରିକାଟିକୁ ନିଜେ ପଢ଼ିବା ସହିତ ସମାଜର ସମସ୍ତେ ପଢ଼ନ୍ତୁ ସେଥି ନିମନ୍ତେ ପୂର୍ଣ୍ଣ ସହଯୋଗ କରିବେ ଏହି ଆଶା ଭରସା ରଖି ରହୁଛି ।

## ବୈକୁଣ୍ଠ ସମାନ ଆହା ......

ଖୁଲଣା ନାୟକ

ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।

ଅତୀତରେ ଘର କହିଲେ ଯେଉଁଠି ଜେଜେବାପା, ଜେଜେମାଆ, ବଡ଼ ବାପା, ବଡ଼ ବୋଉ, ବାପା, ବୋଉ, ଦାଦା, ଖୁଡ଼ି, ବଡ଼ ଭାଇ, ବଡ଼ ଭଉଣୀ, ସାନ ଭାଇ ଭଉଣୀ, ପିଉସୀ ନାନୀ ଇତ୍ୟାଦିକୁ ବୁଝାଇଥାଏ । ତା ସହିତ ଗଲା ଆଇଲାରେ ବନ୍ଧୁବାନ୍ଧବ, ହଳିଆ, କୋଠିଆ ଆହୁରି କେତେ । ଗୋଟିଏ ହାଣ୍ଡିରେ ରୋଷେଇ, ଦିନ ରାତି ବାହା ନିମିତ୍ତ ଭଳି ଖନ୍ଦାଶାଳ ଲାଗିଥିବ । ନିଜସ୍ୱ ଇଚ୍ଛା, ଖାଦ୍ୟ ରୁଚି, ଆଗ୍ରହ ଓ ପସନ୍ଦ ବୋଲି କିଛି ନ ଥାଏ । ସବୁ ପିଲାମାନେ ଏକା ଭଳି ଜାମା ପ୍ୟାଣ୍ଟ ପିନ୍ଧନ୍ତି । ସେଠି ପାତର ଅନ୍ତର ନ ଥାଏ । କିଏ କେତେବେଳେ କାହାର ଶାଢ଼ୀ, ଗହଣା ପିନ୍ଧିଥାଏ ସେଥିପ୍ରତି ପ୍ରତିବନ୍ଧକ ନ ଥାଏ । ଦିନରାତି ହୋ ହୋ ଘୋ ଘୋ । ଅନନ୍ଦ ଉଲ୍ଲାସରେ ଘର ଫାଟି ପଡୁଥାଏ । ସମସ୍ତେ କାର୍ଯ୍ୟବ୍ୟସ୍ତ । ଜଣକ ଉପରେ ଅଧିକ ଚାପ ପଡ଼ି ନ ଥାଏ । ଜଣେ ବାସନ ମାଜିଲେ ଜଣେ ବାସନ ଧୋଇ ଦିଅନ୍ତି । ଜଣେ ପରିବା କାଟିଲେ ଆଉ କିଏ ବେସର ବାଟି ଦିଅନ୍ତି । ଏମିତି ସହଯୋଗ ଓ ବୁଝାମଣା ମାଧ୍ୟମରେ ସବୁ କଠିନ କାର୍ଯ୍ୟ ସରଳ ପରି ଅନୁଭବ ହୋଇଥାଏ । ଘରକୁ କିଏ କୁଣିଆ ଆସିଲେ ଯେଉଁ ଦରବ ଆଣିଥାନ୍ତି ତାହାକୁ ସମସ୍ତଙ୍କ ଭିତରେ ସମାନ ଭାଗରେ ବଣ୍ଟନ କରାଯାଇଥାଏ । ବୋଉ, ଖୁଡ଼ି ଇତ୍ୟାଦି ଘରର ସ୍ତ୍ରୀଲୋକମାନେ ଅଗାଧୁଆ ରୋଷେଇ ଘରେ ନ ପଶିବା,

ଗାଧୋଇ ସାରି ବୃନ୍ଦାବତୀକୁ ପୂଜା କରିବା ଓ ଜେଜେବାପା ଓ ଜେଜେମାଙ୍କୁ ଆଣ୍ଠୁମାଡ଼ି ପ୍ରଣାମ କରିବା, ଭିକାରିଟିଏ ଆସିଲେ ଭିକ ଦେବା, ସମସ୍ତଙ୍କୁ ଯଥୋଚିତ ସମ୍ମାନ ଦେଇ କଥା ହେବା ଇତ୍ୟାଦିରୁ ଛୋଟ ପିଲାମାନେ ଅନେକ ପ୍ରକାର ସଂସ୍କାର ପାଇଥାନ୍ତି । ଦୟା, କ୍ଷମା, ତ୍ୟାଗ, ମମତା, କରୁଣା, ସ୍ନେହ, ପ୍ରେମ, ଦାନ ଇତ୍ୟାଦି ଗୁଣ ଶିଶୁମାନଙ୍କ ମନ ଭିତରେ ଛାପି ହୋଇଯାଇ ଥାଏ । ତେଣୁ ଅତୀତରେ ସେହି ଏକାନ୍ନବର୍ତ୍ତୀ ପରିବାର ଯେଉଁଠି ସ୍ନେହ ମମତାରେ ସଦା ଭରପୂର । ତେଣୁ ତାହାକୁ ବୈକୁଣ୍ଠପୁର ସଙ୍ଗେ ସମାନ ବୋଲି କୁହାଯାଇଥାଏ ।

ସତରେ ଆଜିର ସମାଜରେ ଶିକ୍ଷା ଦୀକ୍ଷା ପ୍ରାପ୍ତ ଆଧୁନିକ ମଣିଷଟି ପରିବାରକୁ ଭାଙ୍ଗି ଭାଙ୍ଗି ଆସି ତିନି ସଦସ୍ୟରେ ପହଞ୍ଚିଲାଣି । ଯେଉଁଠି ବାପା, ମାଆ ଓ ଏକମାତ୍ର ଶିଶୁ । ସେଥିରେ ପୁଣି ଉଭୟ ପିତା ମାତା ଅର୍ଥ ଉପାର୍ଜନରେ ବ୍ୟସ୍ତ ଥିବାରୁ ଶିଶୁର ଦାୟିତ୍ୱ ଧାଇ ହାତରେ ନ୍ୟସ୍ତ । ବିଚାର କରନ୍ତୁ ଧାଈ ଆଉ ମାଆ ଭିତରେ ଫରକ କ'ଣ ? ଦି ପଇସା ପାଇବା ଆଶାରେ ଯେନ ତେନ ପ୍ରକାରେ ଶିଶୁକୁ ସମ୍ଭାଳି ନେଇଥାଏ ଧାଇ ମା' । ସେ କାହିଁକି ଶିଶୁକୁ ବାତ୍ସଲ୍ୟ ମମତା ଢାଳି ଦେବ ନା ସଂସ୍କାର ଶିଖାଇବ । ଅଫିସ୍‌ରେ ଯାବତୀୟ କାର୍ଯ୍ୟ ବ୍ୟସ୍ତ ରହି ସନ୍ଧ୍ୟାକୁ ବାପା ମାଆ ଘରକୁ ଫେରିଲେ ନିଜ କର୍ମକ୍ଳାନ୍ତ ଶରୀରକୁ ବିଶ୍ରାମ ଦେବା ପାଇଁ ମନ କରନ୍ତି । ସେଠି ଶିଶୁର ମନ କଥା ବୁଝୁଛି କିଏ? ତା' ସହିତ ଖେଳୁଛି କିଏ? ନା ତା ମନ ଭିତରେ ଉଙ୍କିମାରୁଥିବା ଅସୁମାରୀ ପ୍ରଶ୍ନର ଉତ୍ତର ଦେବାକୁ କାହା ପାଖରେ ବା ସମୟ ଅଛି ।

ଆଜ୍ଞା! ଆପଣମାନେ ବିଚାର କରନ୍ତୁ ଶିଶୁଟିଏ ହେଉଛି ଆଗାମୀ କାଲିର ଭବିଷ୍ୟତ । ଏଭଳି ଏକ ମୂଲ୍ୟବାନ ସମ୍ପତ୍ତି ସେ ପୁଣି କେତେ ଅବହେଳିତ କେତେ ନିଷ୍ପେଷିତ ଆଉ ନିର୍ଯ୍ୟାତିତ । ସବୁ ବାପା ମାଆ ଧନ ପଛରେ ଅଣନିଃଶ୍ୱାସୀ ହୋଇ ଧାଉଁଛନ୍ତି କିନ୍ତୁ ପ୍ରକୃତ ସମ୍ପତ୍ତି ଯିଏ କି ନିଜର ଶିଶୁ ତା'ର ମୂଲ୍ୟବାନ ସମୟ ଶୈଶବକୁ ନିଜ ହାତରେ ଏଭଳି ରୁକ୍ଷ କରି ନେଉଛନ୍ତି ଯଦ୍ୱାରା ଶିଶୁଟି ସ୍ନେହ ପ୍ରେମରୁ ବଞ୍ଚିତ ହେଉଛି । ଆଉ ଏଇଭଳି ସ୍ୱଭାବ ନେଇ ସେ ବଡ଼ ହେଉଛି । ସେ ଯେମିତି ଶିକ୍ଷା ପାଉଛି ସେମିତି ଭବିଷ୍ୟତରେ ଦେଶକୁ ଗଢ଼ିବା ପାଇଁ ବ୍ୟସ୍ତ ରହୁଛି । ସ୍ନେହ, ପ୍ରୀତି, କରୁଣା, ସଦ୍‌ଭାବ ସଦ୍‌ବିଚାର ତା' ଠାରୁ ଧୀରେ ଧୀରେ ଲୋପ ପାଇ ଯାଉଛି । ବଡ଼ ହେଲେ ତା' ଆଖି ସାମ୍ନାରେ କେବଳ ଅଧିକରୁ ଅଧିକ ଧନ ରୋଜଗାର କରିବା କଥା ଦେଖାଯାଇଥାଏ । ମାସକ ଦରମା ପରେ ଉପୁରୀ କେତେ, ଲାଞ୍ଚ କେତେ ଆଉ କାର୍ଯ୍ୟରେ ଠକାମୀ କେତେ ଏଇଥିରେ ହିଁ ସେ ବ୍ୟସ୍ତ ରହେ । ପରିବାରର ସ୍ନେହ, ମମତା, ସଂସ୍କାର କ'ଣ ଜାଣିଥିଲେ ତ ତାହାକୁ ସେ ସମାଜରେ ପ୍ରୟୋଗ କରିପାରନ୍ତା । ଏମିତି ଯଦି ଆମର ଭାବି ପିଢ଼ିଙ୍କ ଚିନ୍ତାଧାରା ହୁଏ ତେବେ ସମାଜର ନିଶ୍ଚିତ ରୂପେ ଅବକ୍ଷୟ ହେବ । ଏଇ ଅବକ୍ଷୟମୁଖୀ ସମାଜରୁ ଦୟା, କ୍ଷମା, ସମ୍ପର୍କ, ଭାଇଚାରା ମନୋଭାବ ଦୂର ହୋଇଯିବ । ସମସ୍ତେ ନିଜକୁ ଜଣେ ଜଣେ ଧନୀକ ଶ୍ରେଣୀର ଲୋକ ବୋଲି ଅନୁଭବ କରିବେ । ଫଳରେ ସମାଜରୁ ଦେବତ୍ୱ ଭାବନା ଲୋପ ପାଇ ପଶୁତ୍ୱ ଭବନା ଜାଗ୍ରତ ହେବ । ପରିବାରରୁ ସମାଜ, ସମାଜରୁ ରାଷ୍ଟ୍ର ଆଉ ରାଷ୍ଟ୍ରରୁ ସାରା ବିଶ୍ୱରେ ଅରାଜକତା ବ୍ୟାପିଯିବ ।

ଏଣୁ ସମାଜକୁ ଧ୍ୱଂସ ମୁଖକୁ ଠେଲି ନ ଦେଇ ଆଜିର ଶିକ୍ଷିତ ପିତାମାତା ନିଜର ଶିଶୁକୁ ଅଢ଼େଇ ବର୍ଷରୁ ବିଦ୍ୟାଳୟକୁ ନ ପଠାଇ କିମ୍ବା ଧାଇମା' ହାତରେ ମୂଲ୍ୟବାନ ସମ୍ପଦକୁ ଟେକି ନ ଦେଇ ତାକୁ ନିଜ ସ୍ନେହ ମମତାରେ ବାନ୍ଧି ଦିଅନ୍ତୁ । ଶିକ୍ଷା ଦୀକ୍ଷା ଓ ସଂସ୍କାରରେ ଭରପୂର ଥିବା ପରିବାରର ମହାସ୍ରୋତରେ ମିଶିବାକୁ ସୁଯୋଗ ଦିଅନ୍ତୁ । ତା'ର ଶୈଶବକୁ ରସଯୁକ୍ତ କରାନ୍ତୁ । ଭୋଗ ବିଳାସ ଠାରୁ ଦୂରେଇ ରହି ଯେତିକି ଆବଶ୍ୟକ ଶିଶୁକୁ ସେତିକି ସମୟ ଦିଅନ୍ତୁ । ତା'ର ମୌଳିକ ଜ୍ଞାନର ବିକାଶ ପ୍ରତି ଅଧିକ ସଚେତନ ହୁଅନ୍ତୁ ଫଳରେ ଶୈଶବରୁ ପାଇଥିବା ସଂସ୍କାର ମାଧ୍ୟମରେ ସମାଜର ସଦ୍‌ଭାବ ପ୍ରତିଷ୍ଠା କରି ପାରିବ । ଶାନ୍ତିର ମହକ ବୁଣିପାରିବ । ଯଦ୍ୱାରା ସାରା ବିଶ୍ୱର ଲୋକ ଗୋଟିଏ ପରିବାରର ଲୋକ ଭଳି ଅନୁଭବ ହୋଇପାରିବ ।

**ଆଚାର୍ଯ୍ୟା, ସ.ଶି.ବି.ମ., ଦୀପଶିଖା, କଣିହା**

# ପିଲାମାନଙ୍କ ସ୍ୱଭାବିକ 'ବ୍ୟକ୍ତିତ୍ୱ' ଗଠନ ପାଇଁ ବାପାମାଆ ମାନେ କ'ଣ କରିବା ଉଚିତ

୧) ଜନ୍ମ ହେବା ହିଁ ପିଲାଟି ଜୀବନର ବଡ଼ 'ହତାଶା', (Frustration) କାରଣ ତାକୁ ସ୍ୱାଧୀନ ଭାବରେ କିଛି କାର୍ଯ୍ୟ କରିବାକୁ ପଡ଼ିଥାଏ। ଶିଶୁକୁ କୌଣସି ପରିସ୍ଥିତିରେ ମାଆମାନେ ସ୍ତନ୍ୟପାନରୁ ବଞ୍ଚିତ କରିବା ଠିକ୍ ନୁହେଁ। ଏହାଦ୍ୱାରା ପିଲାଟି ଭବିଷ୍ୟତରେ ନିଜକୁ ଅସୁରକ୍ଷିତ ମନେକରେ। ସବୁଠୁଁ ବେଶି ଆତ୍ମସନ୍ତୋଷ ପାଏ ସେ ସ୍ତନ୍ୟପାନରୁ ଏହାଦ୍ୱାରା କିଛି ପରମାଣରେ ହତାଶା ତା'ର ଦୂର ହୁଏ।

୨) କଥାରେ ଅଛି – "Learning of the neonate begins at the delivery table"। ଶିଶୁର ଶିକ୍ଷଣ ଜନ୍ମ ପରେ ପରେ ଆରମ୍ଭ ହୋଇଥାଏ। ଏଇ ଶିକ୍ଷଣର ମୂଳଦୁଆ ମାଆ ପକେଇଥାଆନ୍ତି। ତେଣୁ ସବୁ କ୍ଷେତ୍ରରେ ମାଆମାନେ ପିଲାମାନଙ୍କ ପାଇଁ ଆଦର୍ଶ ହେବା ଉଚିତ।

୩) ଶିଶୁର ବ୍ୟକ୍ତିତ୍ୱ ମାଆର ବ୍ୟକ୍ତିତ୍ୱର ପ୍ରତୀକ। ପ୍ରତି କ୍ଷେତ୍ରରେ ଛୋଟ ପିଲା ମା'ଙ୍କୁ ଅନୁସରଣ ତଥା ଅନୁକରଣ କରନ୍ତି। ମା'ଙ୍କ ବ୍ୟକ୍ତିତ୍ୱର ମନ୍ଦ ଦିଗଟି ପିଲାଙ୍କ ଅଗୋଚରରେ ସର୍ବଦା ରହିବା ଦରକାର। ଏଥିପାଇଁ ମାଆମାନେ ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ।

୪) ଉଦାହରଣ କିମ୍ବା କାର୍ଯ୍ୟ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦେବା ହିଁ ଉତ୍କୃଷ୍ଟ ପନ୍ଥା। ଜନସନ୍‌ଙ୍କ ମତରେ "The best teaching is by example rather than by words"। ନିଜର ଚିନ୍ତାଧାରାକୁ ପିଲାମାନଙ୍କ ଉପରେ ଜୋର ଜବରଦସ୍ତ ଲଦି ଦେବା ଠିକ୍ ନୁହେଁ।

୫) ମାଆମାନେ ପିଲାମାନଙ୍କୁ ଅନ୍ୟମାନଙ୍କ ସଙ୍ଗେ ତୁଳନା କରିବା ଅନୁଚିତ। ଏହାଦ୍ୱାରା ପିଲାର ନ୍ୟୁନ ମନୋଭାବ ସୃଷ୍ଟି ହୁଏ। ନିଜ ଉପରୁ ଭରସା ତୁଟିଯାଏ।

୬) ପିଲାମାନଙ୍କ ସମ୍ମୁଖରେ କଳି ଲାଗିବା ବା ଅଶୋଭନୀୟ ଆଲୋଚନା କରିବା ସୁସ୍ଥ ପରମ୍ପରାର ଲକ୍ଷଣ ନୁହେଁ। ଏହାର ପ୍ରଭାବ ପିଲାଟି ଉପରେ ପଡ଼ିଥାଏ।

୭) ପ୍ରତ୍ୟେକ ପିଲାର କିଛି ସ୍ୱତନ୍ତ୍ର ରୁଚି, ବିଶେଷ ଯୋଗ୍ୟତା ଏବଂ ଆଗ୍ରହ ଅଛି। ମାଆମାନେ ଏଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ସେ ଦିଗରେ ଆଗେଇ ନେବାକୁ ପରିବେଶ ସୃଷ୍ଟି କରିବା ଦରକାର।

୮) ମାଆ ହେଉଛନ୍ତି ପ୍ରତ୍ୟେକ ସନ୍ତାନର ପଥ ପ୍ରଦର୍ଶିକା। ମା'ଙ୍କ ଛାଞ୍ଚରେ ପିଲାର ବ୍ୟକ୍ତିତ୍ୱ ବିକଶିତ ହୁଏ। ଏ ଦୃଷ୍ଟିରୁ ମାଆ ଉତ୍ତମ ଗୁଣର ଅଧିକାରିଣୀ ହେବା ବାଞ୍ଛନୀୟ। ଏହାଦ୍ୱାରା ସେ ପିଲାଟିର ସହିଷ୍ଣୁତା, ଧୈର୍ଯ୍ୟ, ତ୍ୟାଗ ଓ ସହାନୁଭୂତି ପ୍ରଭୃତି ଭଲ ଗୁଣଗୁଡ଼ିକ ଉଦ୍ରେକ କରାଇବାରେ ସକ୍ଷମ ହୋଇପାରିବେ।

୯) କୌଣସି ପରିସ୍ଥିତିରେ ମାଆ ବାପା ଅଳସୁଆ ହେବା ଠିକ୍ ନୁହେଁ। ଏହା ମୂଳରୁ ପିଲାଟିକୁ ମଧ୍ୟ ଆଳସ୍ୟପରାୟଣ କରିଦେବ। ପ୍ରତ୍ୟେକ ଦମ୍ପତି ନିଜେ ପରିଶ୍ରମ କରି ପିଲାକୁ ପରିଶ୍ରମର ମର୍ଯ୍ୟାଦା ବୁଝାଇବା ସହ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିପାରିବେ।

୧୦) ପିଲାମାନଙ୍କୁ ଖେଳାଖେଳି କରିବାର ସୁଯୋଗ ଦେବା ଉଚିତ। ସମ ବୟସ୍କ ପିଲାଙ୍କ ସହ ମିଶିବା ଦ୍ୱାରା ପିଲାର ସ୍ୱାର୍ଥପର ମନୋଭାବ ଦୂରେଇଯାଏ। ଜାତି ଓ ଦେଶର ସ୍ୱାର୍ଥ ବ୍ୟକ୍ତିଗତ ସ୍ୱାର୍ଥ ଠାରୁ ଯେ ବହୁ ଉଚ୍ଚରେ, ଏହା ଏଥିରୁ ସେମାନେ ଶିକ୍ଷା କରନ୍ତି।

୧୧) ସମୟର ସଦୁପଯୋଗ କରିବାକୁ ପିଲାମାନଙ୍କୁ ମୂଳରୁ ଶିକ୍ଷା ଦେବା ଦରକାର। ବଳକା ସମୟ ସେମାନେ କିପରି ଖର୍ଚ୍ଚ କରିବେ, ମାଆମାନେ ଏଥିପାଇଁ ପରାମର୍ଶ ଦେବା ବିଧେୟ। ସୁବିଧା ଅନୁସାରେ ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜ ସେମାନଙ୍କୁ ପଢ଼ିବାକୁ ଦେବା ଉଚିତ।

୧୨) ସତ୍ୟ କହିବା, ଅନ୍ୟ ପ୍ରତି ତାଚ୍ଛଲ୍ୟ ନ କରିବା, କାହା ପ୍ରତି କଠୋର ମନୋଭାବ ପୋଷଣ ନ କରିବା ଏବଂ ଅଶୋଭନୀୟ ବ୍ୟବହାର ନ ଦେଖାଇବା ଇତ୍ୟାଦି ମୂଲ୍ୟବୋଧ ମାଆମାନେ ନିଜ ଆଚରଣ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷାଦେବା ବାଞ୍ଛନୀୟ।

୧୩) ବାପା ମାଆମାନେ କଠୋର ଶୃଙ୍ଖଳା ଭିତରେ ପିଲାମାନଙ୍କୁ ସବୁବେଳେ ବାନ୍ଧି ରଖିବା ଠିକ୍ ନୁହେଁ । ସମୟ ସୁବିଧା ଦେଖି ସେମାନଙ୍କୁ କିଛି ସ୍ୱାଧୀନତା ଦେବା ଦରକାର ।

୧୪) ପିଲାମାନଙ୍କର କୌତୁହଳ ଓ ଜିଜ୍ଞାସାକୁ ବାପାମାଆମାନେ ଉପଯୁକ୍ତ ସମ୍ମାନ ଦେବା ଉଚିତ । ନିଜ ଜ୍ଞାନର ପରିସୀମା ଭିତରେ ସେମାନଙ୍କ ପ୍ରଶ୍ନର ଯଥାଯଥ ଉତ୍ତର ଦେବା ସ୍ପୃହଣୀୟ ।

୧୫) କୌଣସି ପରିସ୍ଥିତିରେ ପିଲାମାନଙ୍କୁ ଶାରୀରିକ ଦଣ୍ଡ ଦେବା ଅନୁଚିତ । ଏହାଦ୍ୱାରା ପିଲା ଭୟାଳୁ ଓ ଡରକୁଳା ହୋଇ ଯାଆନ୍ତି । କେତେକ କ୍ଷେତ୍ରରେ ଜ୍ଞାନମୂଳକ ଦଣ୍ଡ ଦିଆଯାଇପାରେ ।

୧୬) ପିଲାମାନଙ୍କୁ ଭୂତ, ଡାହାଣୀ କିମ୍ବା ତାନ୍ତ୍ରିକ ଗଳ୍ପ କହିବା ଅନୁଚିତ । ଏ ସମ୍ପର୍କୀୟ ଟେଲିଭିଜନ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ଦେବା ମଧ୍ୟ ଠିକ୍ ନୁହେଁ । ଏତଦ୍‌ବ୍ୟତୀତ ଅତିରିକ୍ତ ହିଂସା ଆଚରଣ ଯେଉଁ ଟେଲିଭିଜନ ସିରିଆଲ କିମ୍ବା ଫିଲ୍ମରେ ପ୍ରତିଫଳିତ ହେଉଥିବ ସେଭଳି ଚଳଚ୍ଚିତ୍ର ଦେଖିବାରୁ ସେମାନଙ୍କୁ ବଞ୍ଚିତ କରିବା ଉଚିତ ।

୧୭) ପିଲାମାନେ ଅନୁକରଣ ପ୍ରିୟ । ତେଣୁ ଏମାନଙ୍କ ସମ୍ମୁଖରେ କୌଣସି ନିଶାଦ୍ରବ୍ୟ ପାନ କରିବା ଆଦୌ ସ୍ପୃହଣୀୟ ନୁହେଁ ।

୧୮) ଅତି ଅଳ୍ପ ବୟସରୁ 'ପ୍ରସାଧନ ତାଲିମ' (Toilet Training) ଦେବା ଠିକ୍ ନୁହେଁ । ମାଆ କ୍ଷୀର ଛାଡ଼ିବା ପରେ ଏପରି ପ୍ରଶିକ୍ଷଣ ଦେଲେ, ତାହା ପିଲାର ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଥାଏ ।

୧୯) ମାଆମାନେ ପିଲାମାନଙ୍କ ଠାରୁ ଦୂରେଇ ଗଲେ ତା'ର କାରଣ ସମ୍ପର୍କରେ ପିଲାଙ୍କୁ ଅବଗତ କରାଇବା ଦରକାର । ଏହାଦ୍ୱାରା ପିଲାମାନେ ବେଶି ବ୍ୟସ୍ତ-ବିବ୍ରତ ହୁଅନ୍ତି ନାହିଁ ।

୨୦) ବାପା ମାଆମାନେ ପୁଅଝିଅମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ । ଝିଅଟି ଜନ୍ମ ହେବାରେ ତା'ର କିଛି ଦୋଷ ନାହିଁ । ମା' ମଧ୍ୟ ଏକୁଟିଆ ଏଥିପାଇଁ ଦାୟୀ ନୁଅନ୍ତି । ଉଭୟ ବାପାମାଆ ଏଥିପାଇଁ ଦାୟୀ ।

୨୧) ବାପାମାଆମାନଙ୍କ ଉଚ୍ଚାଭିଳାଷୀ ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିବା ଦରକାର । ଏହାଦ୍ୱାରା ପିଲାମାନଙ୍କର 'ଜ୍ଞାନାତ୍ମକ ବିକାଶ' (Intellectual Development) ତ୍ୱରାନ୍ୱିତ ହୋଇଥାଏ ।

୨୨) ପ୍ରତ୍ୟେକ ପିଲା ଜଣେ ଜଣେ ମନସ୍ତତ୍ତ୍ୱବିତ୍ । ସେମାନେ ବାପାମାଆଙ୍କୁ ଭଲଭାବେ ବୁଝିପାରନ୍ତି । ସେଇ ଅନୁସାରେ ଆଚରଣ ପ୍ରଦର୍ଶନ କରନ୍ତି । ଏହା ପ୍ରତ୍ୟେକ ଦମ୍ପତି ଭୁଲିଯିବା ଅନୁଚିତ ।

୨୩) କୌଣସି ସ୍ତରରେ ପିଲାମାନେ ଅକୃତକାର୍ଯ୍ୟ ହେଲେ ତାଙ୍କୁ ଗାଳିମାଡ଼ ନ ଦେଇ ଏହାର କାରଣ ଖୋଜି ବାହାର କରିବା ଦରକାର । ନୂଆ ଜିନିଷ ଖୋଜି ବାହାର କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବା ବାପାମାଆଙ୍କର କର୍ତ୍ତବ୍ୟ ।

୨୪) ପିଲାମାନଙ୍କ କାର୍ଯ୍ୟ କରିବାର ପଦ୍ଧତିକୁ ସମାଲୋଚନା ନ କରି ବରଂ ଗଣତାନ୍ତ୍ରିକ ଉପାୟରେ ସେମାନଙ୍କର ସମସ୍ୟାର ସମାଧାନ କରିବା ଉଚିତ । ଅନ୍ତତଃ ରାତିରେ ଏକାଠି ଖାଇବା ସମୟରେ ପିଲାମାନଙ୍କ ସମସ୍ୟା ତଥା ପରିବାରର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ଆବଶ୍ୟକ ।

୨୫) ବାପାମାଆମାନଙ୍କ କଥାରେ ଓ କାମରେ ମେଳ ରହିବା ଦରକାର । ପିଲାମାନଙ୍କୁ ଗୋଟିଏ ପ୍ରକାର କଥା କହି କିମ୍ବା ଉପଦେଶ ଦେଇ ନିଜେ ଓଲଟା କାମ କରିବା ଠିକ୍ ନୁହେଁ ।

୨୬) ସବୁ କଥାରେ ବାପାମାନେ ପୁରୁଷତ୍ୱ ଜାହିର ନ କରି ମାଆ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସହ ମିଶି ପିଲାମାନଙ୍କ ସମସ୍ୟାର ସମାଧାନ କରିବା ଉଚିତ । ଏହାଦ୍ୱାରା ପରସ୍ପର ପ୍ରତି ଆନ୍ତରିକତା ବଢ଼ିବ ।

## ଇନ୍ଦ୍ରଧନୁ

ଶ୍ରୀମତୀ ଲାବଣ୍ୟମୟୀ ଜେନା

ମେଘ ବରଷୁଛି ଖରା ପଡ଼ିଅଛି
ପାଣି ଚାଲେ ଧାର ଧାର
ସାରୁ ଗଛ ମୂଳେ ବେଙ୍ଗ ରାଜା ବସି
କେଁ କେଁ କରେ ସ୍ୱର ।
ବେଙ୍ଗୁଲି ନାନୀଟି ରହି ରହି କାନ୍ଦେ
ଯିବ ଆଜି ଶାଶୁଘର
କେଁ କଟର କେଁ ବାଇଦ ବଜାନ୍ତି
ବେଙ୍ଗ ମାନେ ହୋଇ ମେଳ ।
ବରଷା ସାଙ୍ଗରେ ପଡ଼ିଛି ଆକାଶେ
ଇନ୍ଦ୍ର ଦେବତାର ଧନୁ
କେଡ଼େ ମନୋହର ରଙ୍ଗ ବେରଙ୍ଗର
ଭୁଲି ହୁଏ ନାହିଁ ମନୁ ।
ସାତ ଗୋଟି ରଙ୍ଗ ହୋଇ ଏକାଠି
ବାଇଗଣି ହଳଦିଆ
ଘନନୀଳ ଲାଲ ସବୁଜ ନାରଙ୍ଗୀ
ନୀଳ ରଙ୍ଗ ଶୋଭା ଆହା ।
ଇନ୍ଦ୍ର ଦେବତା ହାତେ ଧନୁ ଧରି
ବୁଲନ୍ତି ମହୀମଣ୍ଡଳ
ଶୋଭା ସମ୍ପଦରେ ହସି ଉଠେ ମହୀ
ଭରନ୍ତି ଧରଣୀ କୋଳ ।

ଆଚାର୍ଯ୍ୟା
ସ.ଶି.ବି.ମ., ୟୁନିଟ-୮, ଭୁବନେଶ୍ୱର

## ଶିଶୁ

ଶ୍ରୀମତୀ ଚୁମୁକି ଦାଶ

ଶିଶୁ ବୋଲି ଭାବ ନାହିଁ କମା
ନୁହଁଇ କେବେ ସେ ସାନ
ତାହାରି ଭିତରେ ଭରି ରହିଅଛି
ଦେବ ତୁଲ୍ୟ ଦିବ୍ୟ ଜ୍ଞାନ
ସିଏ ପରା ଅଟଇ ଅମୃତ ସନ୍ତାନ
କଳା ନେଇ ନାରାୟଣ
ତାହାରି ଭିତରେ ତାହାରି ଓଠରେ
ଲୁଚିଛନ୍ତି ଭଗବାନ
ଶିଶୁଟି ହସିଲେ ହସେ ଏ ଦୁନିଆ
ହସଇ ସାରା ଜଗତ
ହସେଇ ଦିଏ ସେ ସଭିଙ୍କୁ ହସରେ
ସିଏ କାଲିର ଭବିଷ୍ୟ
ବାସ୍ନାରେ ତାର ମହକେ ଦୁନିଆ
କଅଁଳ କଢ଼ି ତା ମନ
ପ୍ରତିଭା ଦେଖାଏ, କେତେ ନୂଆ ନୂଆ
ଖୋଜେ କେତେ ସ୍ନେହ ପ୍ରେମ
ସୁନ୍ଦର ସୃଷ୍ଟିର କ୍ଷୁଦ୍ର କୁସୁମ ସେ
କଳିକା ପଦ୍ମ ପୁଷ୍ପର
ଗଢ଼ିବା ତାହାକୁ ମାଟି ହାଣ୍ଡି ଭଳି
ମନ ପ୍ରାଣ ଦେଇ ଆମର

ଅଭିଭାବିକା
ସ.ଶି.ବି.ମ., କଲେଜଛକ, ବଲାଙ୍ଗୀର

# ଛବି ତୁମ ତୂଳୀରୁ .....



ଆଦିତ୍ୟ ନାରାୟଣ

ସ.ଶି.ବି.ମ., ସୁନହାଟ,ବାଲେଶ୍ୱର


ଶ୍ରେଣୀ - ଶିଶୁ ବୋଧ



ଲିପସିତା ସାମଲ

ସ.ଶି.ବି.ମ., ମାଥାଲପୁଟ


ଶ୍ରେଣୀ - ଶିଶୁ ବୋଧ



ବିଦ୍ୟ ପ୍ରକାଶ ପାତ୍ର

ସ.ଶି.ବି.ମ., କେନ୍ଦୁଝରଗଡ଼

ଶ୍ରେଣୀ - ଶିଶୁ ପାରମ୍ଭ 'କ'



ପ୍ରତୀକ ଗିରି

ସ.ଶି.ବି.ମ., ବାରିପଦା

ଶ୍ରେଣୀ - ଶିଶୁ ବୋଧ

# ରଙ୍ଗ ଦିଅ ମଜା ନିଅ





Vol. 23 No. 5 October - November - 2020 R.N.I. Regd. No.ORIORI/2001/5948

# ସମ୍ବାଦ ଚିତ୍ରରେ ଚିତ୍ରରେ ....



ପୂର୍ଣ୍ଣିମା ପାତ୍ର
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଖରିଆର



ସାଇସୁମନ ସାହୁ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନୂଆପାଟଣା



ପ୍ରତୀକ ବାହୁକ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବୁର୍ଲା



ଆଦିତ୍ୟ ସାହୁ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ତାଳଚେର



ଅଭୀପ୍ସା ପ୍ରଧାନ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଗାନ୍ଧିମାର୍ଗ, ଅନୁଗୋଳ



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନୂଆପାଟଣା

*Printed and Published by : Secretary on behalf of Shiksha Vikash Samiti, Odisha & printed at Sarswati DTP Centre, E-59, Zone-A, Mancheswar Industrial Estate, BBSR-10 Editor - Pradeep Kumar Mallick*